# ତହସିଲଦାରଙ୍କ ଅଦାଲତ, କେନ୍ଦୁଝର

**ଆଲାଇନେଶନ୍ କେଶ୍ ନଂ-୦୧/୨୦୨୩**

## ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲଭୁକ୍ତ ସରକାରୀ ଜମିରେ ବିଚାର ବିଭାଗ (ନ୍ୟାୟିକ ବିଭାଗ), ଓଡିଶା ସରକାର ବିଚାରଳୟ ଗୃହ ଓ ଆବାସିକ ଗୃହ ନିର୍ମାଣ ଉଦ୍ଦେଶ୍ୟରେ, ଜିଲ୍ଲା ବିଚାରପତି , କେନ୍ଦୁଝର ଆବେଦନ କରିଛନ୍ତି । ଉକ୍ତ ସରକାରୀ ଜମିକୁ ସେହି ଉଦ୍ଦେଶ୍ୟରେ ବିଚାର ବିଭାଗ (ନ୍ୟାୟିକ ବିଭାଗ), ଓଡିଶା ସରକରଙ୍କୁ **ହସ୍ତାନ୍ତର** କରାଗଲେ, ଯଦି କୌଣସି ବ୍ୟକ୍ତି ବିଶେଷ/ ସଂପୃକ୍ତ ଗ୍ରାମବାସୀ / ସଂପୃକ୍ତ ମୁନସିପାଲିଟିର କୌଣସି ଆପତ୍ତି ଅଭିଯୋଗ ଥାଏ, ତା ହେଲେ ସେ/ ସେମାନେ ଏହି ଇସ୍ତାହାର ପ୍ରକାଶନର ୧୫ ଦିନ ମଧ୍ୟରେ ସେମାନଙ୍କର ଆପତ୍ତି ଅଭିଯୋଗ ଲିଖିତ ଆକାରରେଟ.୨୦.୦୦ଙ୍କା (**କୋଡିଏ** ଟଙ୍କା)ର କୋର୍ଟ ଫି ସଂଲଗ୍ନ କରି ନିମ୍ନ ସ୍ୱାକ୍ଷରକାରୀଙ୍କୁ ଦରଖାସ୍ତ କରିପାରିବେ ଏବଂ ତାହା ବିଚାର ପାଇଁ ଗ୍ରହଣ ଯୋଗ୍ୟ ହେବ। ନିର୍ଦ୍ଧାରିତ ସମୟ ପରେ କୌଣି ଆପତ୍ତି ଦରଖାସ୍ତ ବିଚାର ପାଇଁ ଯୋଗ୍ୟ ବିବେଚିତ ହେବନାହିଁ।

ତଫସିଲ

ମୌଜା- ବୋଦାପଳଶା

| ଖାତା ନଂ | ପ୍ଲଟ ନଂ | କିସମ | **ମୋଟ** ରକବା (ଏକରରେ) | ଆଲାଇନେଶନ୍ ପାଇଁ ପ୍ରସ୍ତାବିତ ରକବା (ଏକରରେ) |
|---|---|---|---|---|
| ୨୫୪ (ଆ.ଯୋ.ଅ) | ୧୫୦୬/୧୯୦୩ | ପତିତ | ୨.୦୦ | ୨.୦୦ |
| | | | **ମୋଟ୍** | ୨.୦୦ |

ତହସିଲଦାର, କେନ୍ଦୁଝର

TAHASILDAR KEONJHAR

ଏହାର ଏକକିତା ନକଲ ସଂପୃକ୍ତ ଗ୍ରାମରେ ଡାକ ବାଜି ଜନ୍ତ ଦ୍ୱାରା ପ୍ରଚାର/ପ୍ରସାର ପାଇଁ ପ୍ରେରିତ କରାଗଲା / ଅନ୍ୟ ଏକକିତା ନକଲ District Website: www. Kendujhar.nic.in ରେ ପ୍ରକାଶନ ପାଇଁ /ଅନ୍ୟ ଏକକିତା ନକଲ ସଂପୃକ୍ତ ଗ୍ରାମ ପଞ୍ଚାୟତଙ୍କ କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ଏବଂ ଅନ୍ୟ ଏକକିତା ନକଲ ତହସିଲ କାର୍ଯ୍ୟାଳୟ, କେନ୍ଦୁଝରଙ୍କ ନୋଟିସ୍ ବୋର୍ଡରେ ପ୍ରକାଶନ ପାଇଁ ପ୍ରେରିତ ହେଲା ।

ତହସିଲଦାର, କେନ୍ଦୁଝର

TAHASILDAR KEONJHAR